**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**18 MAY– 2026**

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ସୋମବାର ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରିବେ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ସମାରୋହରେ ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ବିଜେତାଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯିବ। ଓଡ଼ିଶାରୁ ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି।

# ନୀତିନ ନବୀନ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦୁଇଦିନିଆ ଓଡିଶା ଗସ୍ତରେ ଗତ ଆଜି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି । ବିମାନ ବନ୍ଦରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଶାଖା ସଭାପତି ତଥା ସାଂସଦ ମନମୋହନ ସାମଲ ପ୍ରମୁଖ ତାଙ୍କୁ ବମାନ ବନ୍ଦରଠାରେ ସ୍ୱାଗତ କରିଥିଲେ । ଭୁବନେଶ୍ୱର ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଆଜି

ଶ୍ରୀ ନବୀନ ରାଜ୍ୟ କୋରକମିଟି ବୈଠକରେ ଯୋଗଦେବେ । ଏହା ପରେ ଶ୍ରୀ ନବୀନ ଖୋର୍ଦ୍ଧା ଜିଲ୍ଲା ଜଟଣୀଠାରେ ଜିଲ୍ଲାସ୍ତରୀୟ ପଣ୍ଡିତ ଦିନଦୟାଲ ପ୍ରଶିକ୍ଷଣ ମହାଅଭିଯାନ ଶିବିରକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିବେ । ପୁରୀଗସ୍ତରେ ଯାଇ ଶ୍ରୀ ନବୀନ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା କାର୍ଯ୍ୟସୂଚୀ ରହିଛି । ପୁରୀରୁ ଫେରିବା ପରେ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଶ୍ରୀ ନବୀନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

## ମୁଖ୍ୟମନ୍ତ୍ରୀ ଜନଶୁଣାଣି

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଆଜି ଏବଂ ଆସନ୍ତା ସୋମବାର ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରକଳ୍ପ ଭିତ୍ତିପ୍ରସ୍ତର

ବରଗଡ ଟାଉନ କେନାଲର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଷଡଙ୍ଗୀ ଗତକାଲି ଅନୁଷ୍ଠିତ ସମାରୋହରେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ପ୍ରକଳ୍ପ ପାଇଁ ୫୦କୋଟି ଟଙ୍କା ମଞ୍ଜୁର କରାଯାଇଛି । ଟେଣ୍ଡର

ପ୍ରକ୍ରିୟା ଇତିମଧ୍ୟରେ ଶେଷ ହେବା ସହ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ଷଡଙ୍ଗୀ କହିଛନ୍ତି ।

## ଜନଆକ୍ରୋଶ ସମାବେଶ

ସଂସଦରେ ବିରୋଧୀ ସଦସ୍ୟଙ୍କ ଅସହଯୋଗ ଯୋଗୁଁ ନାରୀବନ୍ଦନ ଅଧିନିୟମ ପାରିତ ନ ହେବା ଅଭିଯୋଗ ନେଇ ନବରଙ୍ଗପୁରଠାରେ ବିଜେପି ପକ୍ଷରୁ ମହିଳା ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଦଳୀୟ ରାଜ୍ୟ ଶାଖା ମହିଳା ମୌର୍ଚ୍ଚା ଉପସଭାପତି ଶର୍ମିଷ୍ଠା ଦେଓ ଏହି ସମାବେଶରେ ଯୋଗଦେଇ ନାରୀବନ୍ଦନ ଅଧିନିୟମ ଉପରେ ଆଲୋକପାତ କରିଥିଲେ । ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

## ଚିନାବାଦାମ ଚାଷ

ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଝାଗରାହି ଗ୍ରାମପଞ୍ଚାୟତର କୋଟରୀବାହାଲ ଗ୍ରାମରେ ଚିନାବାଦାମ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ଜାତୀୟ ତୈଳବୀଜ ମିଶନ ଜରିଆରେ ଏଥିପାଇଁ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦିଆଯାଉଛି। ୮ଟି ଗ୍ରାମରେ ଚିନାବାଦାମ ଚାଷ ହେଉଛି । ଏଥିସହ ସମଗ୍ର ଜିଲ୍ଲାରେ ପ୍ରାୟ ୧ହଜାର ଚାଷୀ ୫ଶହ ହେକ୍ଟର ଜମିରେ ଚିନାବାଦାମ ଚାଷ କରିଛନ୍ତି ।

# ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ସାଂସ୍କୃତିକ ବିନିମୟ, ସଂସ୍କୃତିର ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ ଏବଂ ଲୋକଙ୍କ ମଧ୍ୟରେ ସହଯୋଗ ଓ ଶାନ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ସଂଗ୍ରହାଳୟ । ସଂଗ୍ରହାଳୟର ଗୁରୁତ୍ୱକୁ ଉପଲବ୍ଧି କରି ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ୧୯୭୭ ମସିହାଠାରୁ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଭାବେ ପାଳନ କରାଯାଉଛି । ମାନବ ସମାଜକୁ ଜ୍ଞାନ ଦେବାରେ ଏବଂ ପୃଥିବୀକୁ ପରିବର୍ତ୍ତନ କରିବାର ଶକ୍ତି ସଂଗ୍ରହାଳୟର ରହିଛି । ସଂଗ୍ରହାଳୟରୁ ଅତୀତ ବିଷୟରେ ଶିକ୍ଷା ମିଳିବା ସହିତ ନୂଆ ବିଚାର ନିମନ୍ତେ ପଥ ଉନ୍ମୁକ୍ତ କରିଥାଏ । ଚଳିତ ବର୍ଷର ଅନ୍ତର୍ଜାତୀୟର ସଂଗ୍ରହାଳୟ ଦିବସର ବାର୍ତ୍ତା ରହିଛି “ଏକ ବିଭାଜିତ ବିଶ୍ୱକୁ ଏକତ୍ର କରେ ସଂଗ୍ରହାଳୟ” ।

# ସନ୍ତରଣ ଚାମ୍ପିୟନସିପ୍

୬୬ତମ ଓଡିଶା ରାଜ୍ୟ ବରିଷ୍ଠ ସନ୍ତରଣ ଚାମ୍ପିୟନସିପ ଉଦ୍‌ଯାପିତ ହୋଇଛି । ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ କେନ୍ଦ୍ରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଅଭିନବ କୁମାର ସିଂହ ଏବଂ ମହିଳା ବର୍ଗରେ ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଉଛି । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଲାଗି ରହିବା ସହ କେତେକ ସ୍ଥାନରେ ତାପମାତ୍ରା ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଗତକାଲି ୧୧ଟି ସହରର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ରହିଥିଲା । ସର୍ବୋଚ୍ଚ ଦିନର ତାପମାତ୍ରା ୪୨ଦଶମିକ ୯ଡିଗ୍ରୀ ସେଲସିୟସ ବୌଦ୍ଧଠାରେ ରେକର୍ଡ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ କାଳବୈଶାଖୀ ଜନିତ ବର୍ଷା ପବନ ନେଇ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର,ଗଜପତି ଏବଂ ଗଞ୍ଜାମ ଜିଲ୍ଲାକୁ  ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ଦୁଇ ତିନିଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ-ପୂର୍ବ ଆରବସାଗର, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ଆଣ୍ଡାମାନ ଦ୍ୱୀପପୁଞ୍ଜ, ଆଣ୍ଡାମାନ ସାଗର ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାରର କେତେକ ଅଞ୍ଚଳରେ ପ୍ରବେଶ କରିବା ନେଇ ପାଗ ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ କହିଛି ।